## ସଂକ୍ଷେପରେ

### ନିଖୋଜ ମସ୍ତ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

**ବାସୁଦେବପୁର/ରୂପସା, ୧୭।୯ (ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁରର ଚୁଡାମଣି ମୁହାଣ ସଂଲଗ୍ନ ବଳରାମଗଡି ନିକଟବର୍ତ୍ତୀ ସମୁଦ୍ରରେ ଡଙ୍ଗାବୁଡି ଘଟଣା ପରେ ନିଖୋଜ ଥିବା ଭିନ୍ନକ୍ଷମ ମସ୍ତ୍ୟଜୀବୀ ନାରାୟଣ ମଳିକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଡଙ୍ଗାବୁଡି ଘଟଣାର ୪ ଦିନ ପରେ କଷାଫଳ ମୁହାଣ ନିକଟରେ ମଙ୍ଗଳବାର ମୃତଦେହ ଭାସୁଥିବା ଦେଖାଯାଇଥିଲା। ଉଦ୍ଧାର ପରେ ପରିବାର ଲୋକ ଶବ ଚିହ୍ନଟ କରିଥିବା ଚୁଡାମଣି ସାମୁଦ୍ରିକ ଥାନା ଅଧିକାରୀ ମହମ୍ମଦ ହାଫିଜ କହିଛନ୍ତି। ସମୁଦ୍ରକୁ ମାଛ ଧରିବାକୁ ଯାଇ ଡଙ୍ଗାବୁଡି ଯିବା ପରେ ନାରାୟଣ ନିଖୋଜ ଥିବା ସମ୍ପର୍କରେ ତାଙ୍କ ପତ୍ନୀ ବାସୁଦେବପୁର ଓ ଚୁଡାମଣି ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟ ୩ ମସ୍ତ୍ୟଜୀବୀଙ୍କୁ ମଧ୍ୟ ସମୁଦ୍ରରୁ ଅନ୍ୟ ଏକ ବୋଟ ଉଦ୍ଧାର କରିଥିଲା। ପୋଲିସ ଏକ ମାମଲା (ନଂ.୩/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି।

### ବଡ଼ଭାଇକୁ ଆକ୍ରମଣ କରି ସାନ ଗିରଫ

**ତିହିଡ଼ି, ୧୭।୯ (ଡି.ଏନ୍.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ମଥୁରାପୁର ଗ୍ରାମର ବଡ଼ଭାଇକୁ ଆକ୍ରମଣ କରି ସାନଭାଇ ଗିରଫ ହୋଇଛନ୍ତି। ପୋଲିସ ଏ ନେଇ ଏକ ମକଦ୍ଦମା (ନଂ ୪୦୪/୧୯) ରୁଜୁକରି ମଙ୍ଗଳବାର ଅଭିଯୁକ୍ତ ପ୍ରମୋଦ ମଲିକଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ ଗ୍ରାମର ପ୍ରମୋଦଙ୍କ ଠାରୁ ତାଙ୍କ ବଡ଼ଭାଇ ପ୍ରଦୀପ ମଲିକ କିଛି ଟଙ୍କା ଉଧାର ନେଇଥିଲେ। ପ୍ରମୋଦ ତାଙ୍କୁ ଟଙ୍କା ମାଗିବାରୁ ସେ ଟଙ୍କା ଦେଇ ପାରି ନ ଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସୋମବାର ରାତିରେ ପ୍ରମୋଦ ତାଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିବା ନେଇ ପ୍ରଦୀପ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ।

# ଧାନବିକ୍ରି ପାଉଣା ନ ପାଇ ଚାଷୀ ହତାଶ

- ସମିତି ଫାଟକରେ ତାଲା ପକାଇ ଆନ୍ଦୋଳନ
- ୨୧୦୦ କୁଇଣ୍ଟାଲ ଧାନ ବିକ୍ରି ତଥ୍ୟ ସରକାରୀ ୱେବ୍‌ସାଇଟ୍‌ରେ ମିଳୁ ନାହିଁ

**ଭଣ୍ଡାରିପୋଖରୀ, ୧୭।୯ (ଡି.ଏନ୍.ଏ.)**

ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ବ୍ଲକରେ ଧାନ ବିକି ଗତ ଏପ୍ରିଲ ମାସରୁ ୩୭ ଜଣ ଚାଷୀ ଏଯାଏ ବକେୟା ପ୍ରାପ୍ୟ ପାଇ ନାହାନ୍ତି। ୨୧୦୦ କୁଇଣ୍ଟାଲ ଧାନ ବିକ୍ରି ସଂକ୍ରାନ୍ତ ତଥ୍ୟ ସରକାରୀ ୱେବ୍‌ସାଇଟ୍‌ରେ ଦେଖିବାକୁ ମିଳୁ ନାହିଁ। ବାରମ୍ବାର ପ୍ରତିବାଦ, ଆନ୍ଦୋଳନ କରି ପ୍ରାପ୍ୟ ନ ପାଇବାରୁ ଚାଷୀମାନେ ସରସଦା ପ୍ରାଥମିକ କୃଷି ସମବାୟ ସମିତିକୁ ଦୁଇଦିନ ହେବ ତାଲା ପକାଇ ରଖିଛନ୍ତି। ସେମାନେ ସମିତି ଆଗରେ ମଙ୍ଗଳବାର ହୋହଲ୍ଲା କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଧାନ କିଣିଥିବା ମିଲର ଓ ସମିତି କର୍ମକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ନ ଥିବା କାରଣରୁ ଏହି ସମସ୍ୟା ଜଟିଳ ରୂପ ନେଇଥିବା କୁହାଯାଇଛି।

ଧାନ ବିକି ପ୍ରାପ୍ୟ ପାଇ ନ ଥିବା ଚାଷୀମାନେ ଦର୍ଶାଇଛନ୍ତି ଯେ, ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ସେମାନଙ୍କୁ ପାଉଣା ମିଳି ପାରି ନାହିଁ। ପୂର୍ବରୁ ସେମାନେ। ତିନିଥର ସମିତିରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏହାମଧ୍ୟରେ ୪୭ ଜଣ ଚାଷୀ ପ୍ରାପ୍ୟ ପାଇଥିବା ବେଳେ ଆହୁରି ୩୭ ଚାଷୀ ଏହା ପାଇ ନାହାନ୍ତି। ଏଣୁ ପ୍ରତିବାଦ ସ୍ୱରୂପ ସେମାନେ ସୋମବାର ସମିତି ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ମଙ୍ଗଳବାର ୨ୟ ଦିନରେ ମଧ୍ୟ ତାଲା ପକାଇଛନ୍ତି। ଯେଉଁ ୨୧୦୦ କୁଇଣ୍ଟାଲ ଧାନ ବିକ୍ରି ତଥ୍ୟ ସରକାରୀ ୱେବ୍‌ସାଇଟ୍‌ରେ ଦେଖିବାକୁ ମିଳୁନି ତାହା ପ୍ରାୟ ୪୩ ଜଣ ଚାଷୀଙ୍କର ବୋଲି ଜଣାପଡିଛି। କୌଶଳକ୍ରମେ ବିଭାଗୀୟ ଅଧିକାରୀ ଏକ୍ଷେତ୍ରରେ ହେରଫେର କରିଥିବା ଚାଷୀମାନେ ସନ୍ଦେହ ପ୍ରକାଶ କରୁଛନ୍ତି। ବ୍ଲକ ଅଧୀନ ଅନ୍ୟ ସମବାୟ ସମିତିର ଚାଷୀ ଧାନ ବିକ୍ରି ବାବଦ ପାଉଣା ପାଇସାରିଥିବା ବେଳେ ଏହି ସମିତିରେ ଧାନ ବିକି ଭେଣ୍ଡର ରସିଦ୍ ପାଇଥିବା ଚାଷୀ ଅର୍ଥ ପାଇ ନ ପାରିବା ଏକ ବିଡମ୍ବନା। ଏ ସମ୍ପର୍କରେ ସମିତି ସମ୍ପାଦକ ଅଜୟ ବେହେରାଙ୍କୁ ପଚାରିବାରୁ କହିଛନ୍ତି, ଯେଉଁମାନେ ଭେଣ୍ଡର ରସିଦ ପାଇଛନ୍ତି ସେମାନେ ପାଉଣା ପାଇଗଲେଣି। ଯେଉଁ ଚାଷୀଙ୍କର ପ୍ରାପ୍ୟ ବାକି ଅଛି, ସେମାନଙ୍କୁ ଶୀଘ୍ର ମିଳିଯିବ। ଯେଉଁ ୨୧୦୦ କୁଇଣ୍ଟାଲ ଧାନର ହିସାବ ମିଳୁ ନ ଥିବା କଥା ଉଠୁଛି ଚାଷୀମାନେ ସେହି ଧାନ ମିଲରକୁ ଦେଇଛନ୍ତି। ମିଲର ସେମାନଙ୍କୁ ପାଉଣା ଦେବ। ସମିତିରେ ତାଲା ପକାଇଲେ ଆମେ କଣ କେଉଁଠୁ ଆଣି ଦେବୁ ବୋଲି ସେ କହିଥିଲେ।



ସରସଦା ପ୍ରାଥମିକ କୃଷି ସମବାୟ ସମିତିରେ ଦ୍ୱିତୀୟ ଦିନରେ ଚାଷୀଙ୍କ ବିକ୍ଷୋଭ।

# ବାର୍ଷିକ ଉତ୍ସବରେ ଉପହାର ଦିଆଗଲା ଚାରା



ଶ୍ରୀଶ୍ୟାମ ମିକ୍ସର ଦଶମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

**ଧାମନଗର ୧୭।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳୀ ଶ୍ରୀ ଶ୍ୟାମ ମିକ୍ସର ତରଫରୁ ଦଶମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଭଦ୍ରକ ଜିଲା ଅତିରିକ୍ତ ଅରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ବଣ୍ଟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ଏହି ଉତ୍ସବ ନିଆରା ଢଙ୍ଗରେ ପାଳନ କରାଯାଇଥିଲା। ପ୍ରାୟ ୧୫ ଶହ ନଡିଆ, ପିଜୁଳି, ଲେମ୍ବୁ, ଓଉ, ଆକାଶୀ, ଚମ୍ପା, ନାଗଚମ୍ପା ଆଦି ଚାରା ଉତ୍ସବରେ ଯୋଗଦେଇଥିବା ସମସ୍ତ ଅଭ୍ୟାଗତମାନଙ୍କୁ ବଣ୍ଟନ କରାଯାଇଥିଲା। ସମସ୍ତେ ଗୋଟିଏ ଲେଖାଏ ଚାରା ଲଗାଇଲେ, ପରିବେଶର ସୁରକ୍ଷା ସମ୍ଭବ ହେବ ବୋଲି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା। ଉପହାର ସ୍ୱରୂପ ଦିଆଯାଉଥିବା ଚାରାଗୁଡିକୁ ବଞ୍ଚାଇ ରଖି ଗଛରେ ପରିଣତ କରିବା ପାଇଁ ନିବେଦନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସାଙ୍ଗକୁ ନିକଟସ୍ଥ ବିଭିନ୍ନ ବିଦ୍ୟାଳୟରେ ଚାରା ରୋପଣ ସହିତ ଏହାର ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଯୁବ ଶିଳ୍ପୋଦ୍ୟୋଗୀ ଆଡଭୋକେଟ ସୂରଜ କୁମାର ସାହୁ ସୂଚନା ଦେଇଥିଲେ।

ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ରହ୍ମଚାରି ଦେବବ୍ରତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିପର୍ଯ୍ୟସ୍ତ ପରିବେଶର ସୁରକ୍ଷା ମଣିଷ ସମାଜ ଉପରେ ନିର୍ଭର କରୁଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଡିଆଇସି ଜେନେରାଲ ମ୍ୟାନେଜର, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଇଂ . ସନ୍ତୋଷ କୁମାର ସାହୁ ଯୋଗ ଦେଇଥିଲେ। ଇଂ. କିଶୋର ପୃଷ୍ଟି ଅତିଥି ପରିଚୟ ଦେଇଥିଲେ। ଆଡଭୋକେଟ ସୁରଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଇଂ ସନ୍ତୋଷ ସାହୁ ଧନ୍ୟବାଦ ଦେଇଥିଲେ।



ବନ୍ଧୁମିଳନ ଉତ୍ସବରେ ଜିଲାପାଳ ଓ ଅନ୍ୟମାନେ।

# ଭାଇଚାରା ପରମ୍ପରାକୁ ଉଜ୍ଜୀବିତ ରଖିଛି ବନ୍ଧୁମିଳନ

**ଭଦ୍ରକ ଅଫିସ, ୧୭।୯**

ଭଦ୍ରକ ଐତିହାସିକ ବୁଢାଗଣେଶ ପୂଜା କମିଟି ପକ୍ଷରୁ ସୋମବାର ସନ୍ଧ୍ୟାରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଦାବର୍ତ୍ତ ମଠ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅନ୍ୟତମ ଅତିଥି ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଏସ୍‌ଏମ୍ ଫାରୁକ୍, ଡ. ପ୍ରଦୀପ ନାୟକ, ଅଜୟ ନାୟକ, ଅଭିମନ୍ୟୁ ସେଠୀ, ନଳିନୀକାନ୍ତ ମହାନ୍ତି, ମୋକିତ୍ ଖାଁ, ବିଦ୍ୟାଧର ସାହୁ ପ୍ରମୁଖ ଯୋଗ ଦେଇ ବୁଢା ଗଣେଶ କମିଟି ବନ୍ଧୁମିଳନ ଉତ୍ସବ ମାଧ୍ୟମରେ ସଦା ସର୍ବଦା ଭାଇଚାରାର ପରମ୍ପରାକୁ ବଜାୟ ରଖିଆସିଛି ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆଇଜି ଦୀପ୍ତେଶ ପଟ୍ଟନାୟକ, ଏସ୍‌ପି ରାଜେଶ ପଣ୍ଡିତ ପ୍ରମୁଖ ଯୋଗ ଦେଇ ଅନୁରୂପ ପରମ୍ପରାକୁ ପ୍ରଶଂସା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପ୍ରତିଭା ଲାଭ କରିଥିବା ୩ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୨୦୮ ୟୁନିଟ୍ ରକ୍ତ ସଂଗ୍ରହ

**ଭଦ୍ରକ ଅଫିସ, ୧୭।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ସେବା ସପ୍ତାହ ପାଳନ କାର୍ଯ୍ୟକ୍ରମ ଅବସରରେ ସୋମବାର ଭାଗବତ କଲ୍ୟାଣ ମଣ୍ଡପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଡା. ପ୍ରଦୀପ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଭାଜପାର କର୍ମକର୍ତ୍ତା ମାନେ ସ୍ୱେଚ୍ଛାକୃତ ଭାବେ ୨୦୮ ୟୁନିଟ୍ ରକ୍ତଦାନ କରିଥିଲେ। ଅଭିମନ୍ୟୁ ସେଠୀ, ବଦ୍ରିନାରାୟଣ ଧଳ, ହେମନ୍ତ କୁମାର ପାଢୀ, ଶରତ ପଢିଆରୀ, ଅମ୍ବିକା ଦାସ, କୈଳାସ ସାହୁ, ବିକାଶ ଶ୍ରେଷ୍ଠା, ନାରାୟଣ ସେନାପତି, ପ୍ରମୋଦ ସାମଲ, ଲାଳାଧିରଞ୍ଜନ ରାୟ, ଅମରେଶ ନାୟକ, ପ୍ରଭାକର ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା କମିଟି

**ଆରଡି, ୧୭।୯ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ଥିବା ମଠଡିହ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବିପର୍ଯ୍ୟୟ ପରିଚାଳନା ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ସେମାନେ ବିପର୍ଯ୍ୟୟ ପରିସ୍ଥିତିରୁ କିପରି ନିଜକୁ ରକ୍ଷା କରି ଅନ୍ୟକୁ ବଞ୍ଚାଇ ପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ଏକ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଗତି ଯୁବକ ସଂଘର ପ୍ରୋଗ୍ରାମ ଅଫିସର ବିସ୍ମିତା ଜେନା, ସହକାରୀ ଶିକ୍ଷୟିତ୍ରୀ ସୁରମା ସୁନ୍ଦରୀ ସାହୁ, ମିନତି ଲତା ପାକଳ, ଶିକ୍ଷକ ରଞ୍ଜୀବ କୁମାର ରାଉତ, ଶିକ୍ଷା ପରିଚାଳନା କମିଟି ସଭାପତି ଦେବକାନ୍ତ ବିଳାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**BEFORE SMT. DOLON DASGUPTA, LEARNED SOLE ARBITRATOR**
**RE: ARBITRATION BETWEEN M/S SREI EQUIPMENT FINANCE LIMITED**
**AND**
**Mr. Rajesh Mohanty & Anr.**
**Agreement No. 97566**
**dated 22nd November, 2015**

Please take notice that M/s Srei Equipment Finance Limited has referred the matter to the Learned Sole Arbitrator, inter alia, claiming a sum of **Rs.885,604.69p (Rupees Eight Lakhs Eighty Five Thousand Six Hundred Four and Sixty Nine Paisa only)** along with interests and damages, if any, and also other reliefs against Mr. Rajesh Mohanty, At GP - Rairangpur, W. No.07, Police Station-Rairangpur Town, District-Mayurbhanj, Odisha. Pin- 757043 And Mr. Krushna Chandra Patra, At, Champerei, GP- Halda, Police Station- Rairangpur Town, District-Mayurbhanj, Odisha. Pin-757043.

Please further take notice that the Learned Arbitrator has fixed the next date of Arbitration on 04.11.2019 at 05:00 p.m. at 7, Red Cross Place, 3rd Floor, Kolkata – 700 001, when you are requested to be present personally or through your Authorized Advocate, failing which the matter would be heard ex-parte.

**SKR & ASSOCIATES**
Advocates
7B, Kiran Shankar Roy Road,
5th Floor, Kolkata – 700 001

## ମୟୂରଭଞ୍ଜ

### ୪ ମଦୁଆ ଗାଡ଼ି ଚାଳକ ଗିରଫ

**ବାରିପଦା ଅଫିସ/ବାଙ୍ଗିରିପୋଷି, ୧୭।୯ (ଡି.ଏନ.ଏ.):** ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ମୟୂରଭଞ୍ଜ ଜିଲା ପୋଲିସ ମଙ୍ଗଳବାର ୫ ଡ୍ରାଇଭରଙ୍କୁ ଗିରଫ କରିଛି। ବାରିପଦା ଟାଉନ ଥାନା ପୋଲିସ ପକ୍ଷରୁ ସହରର ପାଲବଣି ଗୋଲେଇ ନିକଟରେ ଯାନବାହନ ଯାଞ୍ଚ ବେଳେ ୪ ଗାଡ଼ି ଚାଳକଙ୍କୁ ଗିରଫ କରାଯାଇଥିଲା। ସେହିପରି ବିଭିନ୍ନ ଗାଡି ଚାଳକଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ଅନ୍ୟପକ୍ଷେ ମଦ ପିଇ ଗାଡି ଚଳାଉଥିବା ଜଣେ ଡ୍ରାଇଭରଙ୍କୁ ବାଙ୍ଗିରିପୋଷି ପୋଲିସ ଗିରଫ କରିଛି। ଏଥିନେଇ ଥାନାରେ ଏକ ମାମଲା(ନଂ. ୯/୧୯) ହୋଇଛି।

### ୬ ଫୁଟ ଲମ୍ବର ବୋଡ଼ା ଉଦ୍ଧାର

**ଠାକୁରମୁଣ୍ଡା, ୧୭।୯ (ଡି.ଏନ୍.ଏ.):** ଠାକୁରମୁଣ୍ଡା ବ୍ଲକ ଚମ୍ପାଝରେ ଗ୍ରାମରୁ ମଙ୍ଗଳବାର ସକାଳୁ ଏକ ୬ ଫୁଟ ଲମ୍ବର ବୋଡା ସାପ ଉଦ୍ଧାର ହୋଇଛି। ଗ୍ରାମର ଗଙ୍ଗାଧର ମହାନ୍ତଙ୍କ ବାଡ଼ିରେ ଥିବା ଏକ କୁଟା ଭାଡ଼ିରୁ ୱାର୍ଡ ମେମ୍ବର କ୍ଷେତ୍ରନାଥ ହେମ୍ବ୍ରମ ସାପଟିକୁ ଉଦ୍ଧାର କରିଥିଲେ। ଚମ୍ପାଝରେ ଫରେଷ୍ଟର ଗୁନାରାମ ସିଂ ଖୁଣ୍ଟିଆ, ଫରେଷ୍ଟ ଗାର୍ଡ କିଶୋର ମହାନ୍ତ ସାପକୁ ନେଇ ଠାକୁରମୁଣ୍ଡା ରେଞ୍ଜ ମାଙ୍କଡବେଡା ଜଙ୍ଗଲରେ ଛାଡ଼ିଥିଲେ।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ଠାକୁରମୁଣ୍ଡା, ୧୭।୯ (ଡି.ଏନ୍.ଏ.):** ଠାକୁରମୁଣ୍ଡା ବ୍ଲକ ଭାଲିଆଡାଳ ଗ୍ରାମରେ ମଙ୍ଗଳବାର ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ସଦନସିଙ୍ଗ ଜାମୁଦା। ସକାଳେ ନିତ୍ୟକର୍ମ ନିମନ୍ତେ ସେ ଘର ନିକଟରେ ଥିବା ଜଙ୍ଗଲକୁ ଯାଉଥିବା ସମୟରେ ତାଙ୍କୁ ଦୁଇଟି ଭାଲୁ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଭାଲୁ ଆକ୍ରମଣରେ ତାଙ୍କ ମୁଣ୍ଡ, ବେକ ଓ ହାତରେ ଗଭୀର କ୍ଷତ ହୋଇଛି।

# ପ୍ରଶାସନିକ ଅବହେଳାରୁ ଟଙ୍କା ଫେରି ପାଉନାହାନ୍ତି ଜମାକାରୀ

**ଚିଟ୍‌ଫଣ୍ଡ ଠକେଇ**
- ତହସିଲ କର୍ତ୍ତୃପକ୍ଷ ଦେଉ ନାହାନ୍ତି ତଥ୍ୟ
- ଜିଲାପାଳଙ୍କ ତାଗିଦ୍ ସତ୍ତ୍ୱେ ନିଆଯାଉନି ପଦକ୍ଷେପ

**ବାରିପଦା ଅଫିସ, ୧୭।୯**

ମୟୂରଭଞ୍ଜ ଜିଲାରେ ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥା କାର୍ଯ୍ୟାଳୟମାନ ଖୋଲି ଅଧିକ ସୁଧ ଓ ଅନ୍ୟାନ୍ୟ ସୁବିଧା ଦେବାର ପ୍ରଲୋଭନ ଦେଖାଇ ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ଲୁଟି ନେଇଥିଲେ। ଏହାପରେ ସଂସ୍ଥାର କାର୍ଯ୍ୟାଳୟ ସବୁ ବନ୍ଦ କରି ରାତାରାତି ଉଭାନ ହୋଇଯାଇଥିଲେ। ଠକେଇର ଶିକାର ହୋଇଥିବା ଜମାକାରୀମାନେ ଥାନାଠାରୁ ଆରମ୍ଭ କରି ବିଭିନ୍ନ ଅଧିକାରୀଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ସରକାରଙ୍କ ପକ୍ଷରୁ ସଂସ୍ଥାର ମୁଖ୍ୟମାନଙ୍କୁ ଗିରଫ କରାଯାଇଥିଲା। ତେବେ ଜମାକାରୀମାନେ ସେମାନଙ୍କ କଷ୍ଟ ଉପାର୍ଜିତ ଟଙ୍କା ଫେରି ପାଇବେ ନା ନାହିଁ ସେ ନେଇ ଦ୍ୱନ୍ଦ୍ୱରେ ଥିଲେ। ଅନ୍ୟପକ୍ଷେ ରାଜ୍ୟ ସରକାର ଜମାକାରୀଙ୍କ ଟଙ୍କା ଫେରସ୍ତ କରିବା ପାଇଁ କର୍ପସ ପାଣ୍ଠି ଗଠନ କରିଥିଲେ। କ୍ଷୁଦ୍ର ଜମାକାରୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରିବା ପାଇଁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ମୟୂରଭଞ୍ଜ ଜିଲାରେ ପ୍ରଶାସନିକ ଅବହେଳା କାରଣରୁ ଜମାକାରୀମାନେ ସେମାନଙ୍କ ଜମାଟଙ୍କା ଫେରି ପାଇବାରେ ବିଳମ୍ବ ହେଉଥିବା ଜଣାପଡିଛି।

ଉଲ୍ଲେଖଯୋଗ୍ୟ ଯେ, କ୍ଷୁଦ୍ର ଜମାକାରୀଙ୍କ ଚିଟଫଣ୍ଡ ଟଙ୍କା ଫେରସ୍ତ ପାଇଁ ଆବେଦନ କରିଥିବା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ରିପୋର୍ଟରେ ୧୯୭ ଜଣ ଜମାକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୯ ଜଣ ଜମାକାରୀ ସେମାନଙ୍କ ଟଙ୍କା ଫେରସ୍ତ ପାଇପାରି ନାହାନ୍ତି। ବଡ଼ସାହି ତହସିଲର ୨ଜଣ, ବେତନଟୀ ତହସିଲର ୨, କପ୍ତିପଦା ତହସିଲର ୪ ଓ ଠାକୁରମୁଣ୍ଡା ତହସିଲର ଜଣେ ଜମାକାରୀଙ୍କ ତଥ୍ୟ ଉପରୋକ୍ତ ତହସିଲ କର୍ତ୍ତୃପକ୍ଷ ପ୍ରଦାନ କରିନାହାନ୍ତି। ଏଣୁ ଜମାକାରୀମାନେ ସେମାନଙ୍କ ଜମା ଟଙ୍କା ଫେରି ପାଇ ନାହାନ୍ତି। ସେହିପରି ତୃତୀୟ ଓ ଚତୁର୍ଥ ରିପୋର୍ଟରେ ୪ ହଜାର ୫୦ କ୍ଷୁଦ୍ର ଜମାକାରୀ ସେମାନଙ୍କ ଜମାଟଙ୍କା ଫେରି ପାଇବା ପାଇଁ କମିଶନଙ୍କ ପକ୍ଷରୁ ଚିହ୍ନଟ କରାଯାଇଛି। ଏମାନଙ୍କ ପାଇଁ ଜିଲା ତହବିଲକୁ ୨ କୋଟି ୯ ଲକ୍ଷ ୩୧ ହଜାର ୨୬୦ ଟଙ୍କା ଆସିଥିଲା। ସେମାନଙ୍କ ମଧ୍ୟରୁ ୨୬୭୩ ଜଣଙ୍କୁ ୧ କୋଟି ୪୩ ଲକ୍ଷ ୨୯ ହଜାର ୩୭୭ ଟଙ୍କା ପ୍ରଦାନ କରାଯାଇଛି। ହେଲେ ତହସିଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଅଦ୍ୟାବଧି ଅନ୍ୟମାନେ ଜମାଟଙ୍କା ଫେରି ପାଇନାହାନ୍ତି। ସୂଚନା ଅନୁଯାୟୀ, ବଡସାହି ତହସିଲର ୧୪୭ ଜଣ, ବହଳଦା ତହସିଲର ୧୧, ବାଙ୍ଗିରିପୋଷି ତହସିଲର ୩୩, ବେତନଟୀ ତହସିଲର ୩୨୩, ବିଶୋଇ ତହସିଲର ୧୦, ବାରିପଦା ତହସିଲର ୧୧୩, ଗୋପବନ୍ଧୁନଗର ତହସିଲର ୩୩, ଜାମଦା ତହସିଲର ୯, ଯଶିପୁର ତହସିଲର ୩, କପ୍ତିପଦା ତହସିଲର ୭୨, କରଞ୍ଜିଆ ତହସିଲର ୩୮, ଖୁଣ୍ଟା ତହସିଲର ୧୦, କୁଳିଅଣା ତହସିଲର ୩୫, ମୋରଡା ତହସିଲର ୭୯, ରରୁଆଁ ତହସିଲର ୧୪, ରାସଗୋବିନ୍ଦପୁର ତହସିଲର ୧୧୯, ରାଇରଙ୍ଗପୁର ତହସିଲର ୩୩, ଶାମାଖୁଣ୍ଟା ତହସିଲର ୫୬, ସାରସକଣା ତହସିଲର ୨୫, ଶୁକ୍ରୁଳି ତହସିଲର ୩୫, ଶୁଳିଆପଦା ତହସିଲର ୧୪, ଉଦଳା ତହସିଲର ୫୪ ଓ ଠାକୁରମୁଣ୍ଡା ତହସିଲର ୫୭ ଜଣ କ୍ଷୁଦ୍ର ଜମାକାରୀମାନଙ୍କ ତଥ୍ୟ ଉପରୋକ୍ତ ତହସିଲ ପକ୍ଷରୁ ଅଦ୍ୟାବଧି ଜିଲା ପ୍ରଶାସନକୁ ପ୍ରଦାନ କରାଯାଇ ନାହିଁ। ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ତାଗିଦ କରାଯିବା ସତ୍ତ୍ୱେ ମଧ୍ୟ ତହସିଲ କର୍ତ୍ତୃପକ୍ଷ କିଛି ପଦକ୍ଷେପ ନେଇ ନ ଥିବା ଜଣାପଡିଛି। ଏ ନେଇ ଜିଲା ପ୍ରଶାସନିକ ଅଧିକାରୀଙ୍କ ମତାମତ ମିଳି ପାରି ନ ଥିବା ବେଳେ ଜଣେ ତହସିଲଦାର ନିଜ ନାମ ପ୍ରକାଶ ନ କରିବାକୁ କହି କହିଛନ୍ତି ଯେ, ବିଭିନ୍ନ ସ୍ଥାନରେ ଲୋକେ ସଚେତନ ହୋଇ ନାହାନ୍ତି। ସେମାନେ ଏପର୍ଯ୍ୟନ୍ତ ସେମାନଙ୍କ ତଥ୍ୟ ଦେଇ ନାହାନ୍ତି। ଫଳରେ ତହସିଲ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେବାରେ ବିଳମ୍ବ ହେଉଛି ବୋଲି କହିଛନ୍ତି। ଏଥିପାଇଁ ତହସିଲ କର୍ତ୍ତୃପକ୍ଷ ଯେତିକି ଦାୟୀ ଜମାକାରୀମାନେ ମଧ୍ୟ ସେତିକି ଦାୟୀ ବୋଲି ସେ କହିଛନ୍ତି।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବଡ଼ସାହି, ୧୭।୯ (ସ୍ୱ.ପ୍ର):** ବଡ଼ସାହି ଥାନା ହଳଦୀପଦା ଗ୍ରାମରୁ ମଙ୍ଗଳବାର ପୋଲିସ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ଯୁବତୀ ହେଲେ ଚକ୍ରଧରପୁର-ଡ଼ାହିସାହିର ସେବତୀ ଟୁଡୁ (୧୮)। ପୂର୍ବାହ୍ନରେ ସେବତୀ ଘର ପଛପଟ ଗଛରେ ଫାଶୀଦେଇ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଦେବଶିଳ୍ପୀଙ୍କ ପୂଜା



ବାରିପଦା ରଘୁନାଥପୁର ଇଲେକ୍ଟ୍ରି ସେକ୍ସନ ଅଫିସର ମୃଣ୍ମୟୀ ମୂର୍ତ୍ତି।

**ବାରିପଦା ଅଫିସ/ଯଶିପୁର/ଉଦଳା/ବାଙ୍ଗିରିପୋଷି /କୁଆମରା, ୧୭।୯ (ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାରିପଦା ସହରର ବିଭିନ୍ନ ଶିଳ୍ପାନୁଷ୍ଠାନ, ଗ୍ୟାରେଜ, ଦୋକାନ ଓ ବିଭିନ୍ନ ସ୍ଥାନରେ ପୂଜା ଅନୁଷ୍ଠିତ ହୋଇଥିଲା। ବାରିପଦା ରଘୁନାଥପୁର ଇଲେକ୍ଟ୍ରି ସେକ୍ସନ ଅଫିସ ଓ ଛାଞ୍ଚ ଇଲେକ୍ଟ୍ରିକାଲ ସେକ୍ସନ ଅଫିସରେ ମହାସମାରୋହରେ ପୂଜା ପାଳିତ ହୋଇଯାଇଛି। ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ସଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା।

ଯଶିପୁର ଇଲେକ୍ଟ୍ରି ଅଫିସ, ଖଇରୀ ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ, ଟ୍ୟାକ୍ସି ସଂଘ, ତାରିଣୀ ହୋଣ୍ଡା, ପରମେଶ୍ୱର ଆଇଟିଆଇ ସମେତ ମହାର୍ଦ୍ଦାପଲସା, ଯାମୁକେଶର, ବାଦାମପାହାଡ଼, ପଦ୍ମପୁର, ଧୋବାଡ଼ିହା, ଟଙ୍ଗାବିଲା, ମଣଦା, ଭଞ୍ଜକିଆରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି।

ଉଦଳା ସହରାଞ୍ଚଳରେ ବିଶ୍ୱକର୍ମାଙ୍କ ପୂଜା ଧୁମ୍‌ଧାମରେ ପାଳିତ ହୋଇଛି। ସ୍ଥାନୀୟ ହାଇସ୍କୁଲ ପଡିଆଠାରେ କପ୍ତିପଦା ଉପଖଣ୍ଡ ଠିକାଦାର ସଂଘ, ମାଟର କର୍ମଚାରୀ ସଂଘ, ଘରୋଇ ବସ୍ ମାଲିକ ସଂଘ, ଥାନାଛକ ଟ୍ୟାକ୍ସି ସଂଘ, ବିଶ୍ୱକର୍ମା ଟ୍ୟାକ୍ସି ସଂଘ, ଅଟୋ ମାଲିକ ସଂଘ , ପୂର୍ତ୍ତ , ଗ୍ରାମ୍ୟ ଉନ୍ନୟନ, ଜନସ୍ୱାସ୍ଥ୍ୟ ଓ ଜଳସେଚନ ବିଭାଗ ପକ୍ଷରୁ ମଧ୍ୟ ପୂଜା ପାଳିତ ହୋଇଛି।

ବାଙ୍ଗିରିପୋଷି ବଜାରରେ ବିଭିନ୍ନ ଦୋକାନ, ଶିଳ୍ପାନୁଷ୍ଠାନ, ବ୍ୟବସାୟୀଙ୍କ ତରଫରୁ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ ବିଭାଗ, ଟେଲିଫୋନ କାର୍ଯ୍ୟାଳୟ, ଅଗ୍ନିଶମ କାର୍ଯ୍ୟାଳୟ, ଜ୍ୟୋତି ଆଇଟିଆଇ, ବ୍ଲକ କାର୍ଯ୍ୟାଳୟ, ମିସ୍ତ୍ରୀ ସଂଘ, ମା ଦ୍ୱାରଶୁଣି ଟ୍ୟାକ୍ସି ସଂଘ ତଥା ଅଟୋ ମାଲିକ ସଂଘ ପକ୍ଷରୁ ପୂଜା ପାଳିତ ହୋଇଛି।

ଗୋପବନ୍ଧୁ ନଗର ବିଦ୍ୟୁତ୍ ବିଭାଗ ଅଫିସ, ଆଇଟିଆଇ, ଟେଲିଫୋନ ଏକ୍ସଚେଞ୍ଜ, କଳକାରଖାନା ଏବଂ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନରେ ବିଶ୍ୱକର୍ମା ପୂଜା ପାଳିତ ପାଳିତ ହୋଇଯାଇଛି।



ଧରିତ୍ରୀ ବାଲେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଉପଲକ୍ଷେ ଚାନ୍ଦବାଲି ବ୍ଲକ ଓ ନାନ୍ଦପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
**ଗଣେଶ ଚନ୍ଦ୍ର ବିଶ୍ୱାଳ**
ସରପଞ୍ଚ ପ୍ରତିନିଧି, ନାନ୍ଦପୁର ପଞ୍ଚାୟତ



ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଉପଲକ୍ଷେ ଚାନ୍ଦବାଲି ତହସିଲ ଓ ଆରଡି ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ, କୃଷିଜୀବୀ ଓ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା।
**ଦେବାଶିଷ ରାୟ**
ରାଜସ୍ୱ ନିରୀକ୍ଷକ, ଆରଡି ସର୍କଲ



ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଉପଲକ୍ଷେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଆରଡି ଶାଖା ଅଧୀନରେ ଥିବା ସମସ୍ତ ଗ୍ରାହକଙ୍କୁ ପ୍ରୀତିଭରା ଶୁଭେଚ୍ଛା ଓ ଶୁଭକାମନା।
**ଅୟସ କାନ୍ତ ମାଝୀ**
ଫିଲ୍ଡ ଅଫିସର, ଏସ୍.ବି.ଆଇ., ଆରଡି ଶାଖା



ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଉପଲକ୍ଷେ ପହଣା ଓ ମଠଡିହ କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
**ଚିତ୍ତରଞ୍ଜନ ମହାନ୍ତି**
ପ୍ରଧାନ ଶିକ୍ଷକ, କୋଇଲଖା ପ୍ରାଥମିକ ବିଦ୍ୟାଳୟ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ସେପ୍ଟେମ୍ବର ୧୮/୨୦୧୯ Balasore, Wednesday, September 18/2019

## ସଂକ୍ଷେପରେ

### ଡିକି ଭାଙ୍ଗି ୫୦ ହଜାର ଲୁଟ୍

ସୋର, ୧୭।୯(ଡି.ଏନ.ଏ.)- ବାଲେଶ୍ୱର ଜିଲା ସୋର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବାଇକ୍ ଡିକି ଭାଙ୍ଗି ୫୦ହଜାର ଟଙ୍କା ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମହେଶ୍ୱର ବେହେରା। ସେ ସୋର ମ୍ୟୁନିସିପାଲିଟି ଅଡଙ୍ଗ ବଜାରରେ ଥିବା ୟୁକୋ ବ୍ୟାଙ୍କ ଶାଖାରୁ ୫୦ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। କିଛି ସମୟ ପରେ ସେ ଫେରି ଡିକି ଭଙ୍ଗା ହୋଇ ଟଙ୍କା ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। ବ୍ୟାଙ୍କ ନିକଟସ୍ଥ ଏକ ଏଟିଏମ୍ ସିସିଟିଭି ଫୁଟେଜ୍‌ରୁ ଶିକ୍ଷକଙ୍କୁ ଜଣେ ସବୁଜ ରଙ୍ଗ ପିନ୍ଧିଥିବା ଯୁବକ ଅନୁସରଣ କରୁଥିବା ଜଣାପଡିଛି। ଏନେଇ ସୋର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

### ସ୍ପନ୍ଦନ କର୍ମଚାରୀଙ୍କଠାରୁ ୩୧ହଜାର ଲୁଟ୍

ରୁପ୍‌ସା,୧୭।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ଥାନା ଅମର୍ଦାରୋଡ଼ ବରୁଣଗଡ଼ିଆ ମଝି ୬୦ନମ୍ବର ଜାତୀୟ ରାଜପଥରୁ ମଙ୍ଗଳବାର ସ୍ପନ୍ଦନ ଫାଇନାନ୍ସ କର୍ମଚାରୀଙ୍କଠାରୁ ୩୧ହଜାର ଟଙ୍କା ଲୁଟ୍ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ବସ୍ତା ଥାନାରେ ଏକ ମାମଲା (ନଂ. ୨୪୬/୧୯) ରୁଜୁ କରି ତଦନ୍ତ କରୁଛି।

ଖଇରା ଥାନା ଅଞ୍ଚଳର କ୍ଷୀରୋଦ କୁମାର ଜେନା ଏହି ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରନ୍ତି। ସେ ସ୍ଥାନୀୟ ମହିଳା ଗୋଷ୍ଠୀଙ୍କଠାରୁ ମାସିକ କିସ୍ତି ଓ ଋଣ କିସ୍ତି ଆଦାୟ କରି ବାଲେଶ୍ୱର ଅଫିସ ଫେରୁଥିଲେ। ଏକ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଆକ୍ରମଣ କରି ୩୧ହଜାର ଟଙ୍କା ଲୁଟ୍ କରି ଚମ୍ପଟ ମାରିଥିଲେ। ଏହାପରେ କର୍ମଚାରୀ ଜଣକ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତନାଘନା ଆରମ୍ଭ କରିଛି।

# ଚିକିତ୍ସା ଅବହେଳା ଅଭିଯୋଗ, ୨ ମୃତ

କେନ୍ଦୁଝର, ୧୭।୯(ସ୍ୱ.ପ୍ର.)



ରୋଗୀ ମୃତ୍ୟୁ ନେଇ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଚାପା ଉତ୍ତେଜନା।

**କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା**

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା କାର୍ଯ୍ୟରେ ଅବହେଳା କରାଯିବା କାରଣରୁ ମଙ୍ଗଳବାର ପୂର୍ବାହ୍ନରେ ୨ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ମୃତକଙ୍କ ପରିବାର ଓ ଗ୍ରାମବାସୀ ଡାକ୍ତରଖାନା ପରିସରରେ ଠୁଳ ହୋଇ ଚିକିତ୍ସା କାର୍ଯ୍ୟରେ ଅବହେଳା କରିଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଟାଉନ୍ ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷ ଚିକିତ୍ସା କାର୍ଯ୍ୟରେ କୌଣସି ଅବହେଳା ହୋଇନାହିଁ ବୋଲି କହୁଥିବାବେଳେ ମୃତ ରୋଗୀଙ୍କ ପରିବାରବର୍ଗ ଭିନ୍ନ କଥା କହୁଛନ୍ତି। ରୋଗୀଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାବେଳେ କୌଣସି ଡାକ୍ତର ଦେଖିବାକୁ ଆସି ନ ଥିଲେ। ଏପରିକି ଡାକ୍ତରଖାନାରେ ଅକ୍ସିଜେନ ନ ଥିବାରୁ ରୋଗୀଙ୍କୁ ଦିଆଯାଇ ପାରି ନ ଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି।

ମଙ୍ଗଳବାର ପୂର୍ବାହ୍ନରେ ମୃତ୍ୟୁ ଘଟିଥିବା ଦୁଇ ରୋଗୀଙ୍କ ମଧ୍ୟରୁ ଜଣେ ହେଲେ କ୍ଷୀରୋଦିନୀ ପାତ୍ର (୪୫)। ତାଙ୍କ ଘର ଟାଉନ ଥାନା ଅଧୀନ ନରଣପୁରରେ। ସୋମବାର ରାତିରେ ଉଚ୍ଚ ରକ୍ତଚାପ କାରଣରୁ ସେ ଅସୁସ୍ଥ ହୋଇ ପଡିଥିଲେ। ରାତି ପ୍ରାୟ ୧୦ଟାରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ତାଙ୍କୁ ସାଲାଇନ ଦିଆଯାଇ ଚିକିତ୍ସା କରାଯାଉଥିଲା। ସକାଳେ ସେ ହଠାତ ଗୁରୁତର ହୋଇପଡ଼ିବା ଦେଖି ପରିବାର ଲୋକେ ପାଟି କରି ଡାକ୍ତର ଓ କର୍ମଚାରୀଙ୍କୁ ଡାକିଥିଲେ। କିନ୍ତୁ ସେଠାକୁ କେହି ଆସି ନ ଥିଲେ। ଜଣେ ଡାକ୍ତର ରୋଗୀଙ୍କୁ ଅକ୍ସିଜେନ ଦେବାକୁ ପଡିବ ବୋଲି କହିଥିଲେ। କିନ୍ତୁ କେହି ଆସି ଅକ୍ସିଜେନ ଦେଇ ନ ଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ କରି ପରିବାର ଲୋକେ ପାଟିତୁଣ୍ଡ କରିଥିଲେ। ସେହିପରି ସାପ କାମୁଡ଼ାରେ ଅସୁସ୍ଥ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଯାତ୍ରୀ ପାତ୍ର( ୧୭) ନାମ୍ନୀ ଜଣେ ଯୁବତୀଙ୍କ ସକାଳେ ମୃତ୍ୟୁ ଘଟିଥିଲା। ଅନୁରୂପ ଭାବେ ଅକ୍ସିଜେନ ଦିଆ ନ ଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ମୃତା ଯୁବତୀଙ୍କ ଘର ମୟୂରଭଞ୍ଜ ଜିଲା ବଡ଼କରଞ୍ଜିଆ ଗ୍ରାମରେ। ଗତ ସୋମବାର ଏକ ବିଷାକ୍ତ ସାପ କାମୁଡିବାରୁ ତାଙ୍କୁ ପ୍ରଥମେ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନା ଅଣାଯାଇ ରାତି ୮ ଟାରେ କେନ୍ଦୁଝରକୁ ଅଣାଯାଇଥିଲା। ଏହି ଦୁଇ ରୋଗୀଙ୍କର ମୃତ୍ୟୁ ଚିକିତ୍ସା ଅବହେଳାଜନିତ ହୋଇଛି ବୋଲି ପରିବାରବର୍ଗ କହିଥିଲେ ମଧ୍ୟ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି। ପୋଲିସ ମୃତା ଯୁବତୀଙ୍କୁ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତା କ୍ଷିରୋଦିନୀଙ୍କୁ ପରିବାର ଲୋକେ ଘରକୁ ନେଇଯାଇଥିବାରୁ ଏନେଇ କୌଣସି ମାମଲା ହୋଇନାହିଁ ବୋଲି ଟାଉନ୍ ଥାନା ଅଧିକାରୀ ସୋମନାଥ ଜେନା କହିଛନ୍ତି। ଘଟଣା ସମ୍ପର୍କରେ ସିଡିଏମଓ ଡ. ଅଶୋକ ଦାସଙ୍କୁ ପଚାରିବାରୁ ଚିକିତ୍ସାରେ ଅବହେଳା ହୋଇନାହିଁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଟ୍ୟୁଶନ୍ ଫେରନ୍ତା ଛାତ୍ରୀଙ୍କୁ କମେଣ୍ଟ ମାରି ୩ ଗିରଫ, ୬ ଫେରାର

ଚାନ୍ଦବାଲି,୧୭।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାଂଶଡା ଥାନା ଅଧୀନ ଘଣ୍ଟେଶ୍ୱର ବଜାରରେ ଟ୍ୟୁଶନ ସାରି ଘରକୁ ଫେରୁଥିବା ବେଳେ କେତେକ ହାଇସ୍କୁଲ ଛାତ୍ରୀଙ୍କୁ କମେଣ୍ଟମାରି ଗାଳିଗୁଲଜ କରିବା ଘଟଣାରେ ପୋଲିସ ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ୬ ଅଭିଯୁକ୍ତ ଫେରାର ରହିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୨୧୫/୧୯) ରୁଜୁ ହୋଇଛି। ଥାନା ଅଧିକାରୀ କରୁଣାକର ରାଉତ ଏହି ସୂଚନା ଦେଇ କହିଛନ୍ତି ଯେ, ସୋମବାର ରାତି ୯ଟା ବେଳେ ୫ରୁ ଅଧିକ ଛାତ୍ରୀ ଟ୍ୟୁଶନ ସାରି ସାଙ୍ଗ ହୋଇ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ରାସ୍ତାରେ ରାଜଗୁରୁପୁର ଛକରେ କେତେକ ଯୁବକ ସେମାନଙ୍କୁ ଅଟକାଇ କମେଣ୍ଟ ମାରଥିଲେ। ଏ ନେଇ ଛାତ୍ରୀ ଓ ସେମାନଙ୍କ ଅଭିଭାବକ ରାତିରେ ଘଣ୍ଟେଶ୍ୱର ଫାଣ୍ଡିକୁ ଯାଇ ଅଭିଯୋଗ କରିଥିଲେ। ଏହାପରେ ଫାଣ୍ଡି ପୋଲିସ ୩ ଜଣ ଯୁବକଙ୍କୁ ସେହି ରାତିରେ ଧରିଆଣିଥିଲା। ସେମାନଙ୍କୁ ଅଟକ ରଖି ପଚରାଉଚୁରା କରାଯିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ପୁରୁଣାବଜାର ସ୍ଥିତି ସ୍ୱାଭାବିକ

ଭଦ୍ରକ ଅଫିସ, ୧୭।୯

**ଆଉ ଦୁଇ ଅଧିକାରୀ ନିଲମ୍ବିତ**

ସୋମବାର ସନ୍ଧ୍ୟାରେ ଟ୍ରାଫିକ ନିୟନ୍ତ୍ରଣ କରିବାକୁ ଯାଇ ପୁରୁଣାବଜାର ଥାନା ପୋଲିସ ଲୋକଙ୍କ ରୋଷର ଶିକାର ହୋଇଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବାକୁ ପୋଲିସ ପକ୍ଷରୁ ମୃଦୁ ଲାଠି ଚାଳନା କରାଯାଇଥିଲା। ଲୋକଙ୍କ ପକ୍ଷରୁ ପୋଲିସକୁ ଲକ୍ଷ୍ୟ କରି ପଥରମାଡ ମଧ୍ୟ କରାଯାଇଥିଲା। ପୋଲିସର ଲାଠି ମାଡରେ ସେଠାରେ ୨ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପରେ କଟକ ସ୍ଥାନାନ୍ତର କରାଯାଇଛି। ଲୋକଙ୍କ ଦାବି ଓ ଅସନ୍ତୋଷକୁ ଦୃଷ୍ଟିରେ ରଖି ସୋମବାର ରାତିରେ ଥାନାଧିକାରୀ ପ୍ରଜ୍ଞା ମହାନ୍ତିଙ୍କୁ ବଦଳି ଆଦେଶ ଦିଆଯିବାରୁ ପୁରୁଣାବଜାର ଅଞ୍ଚଳ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଥାନାଧିକାରୀ ପ୍ରଜ୍ଞାଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇ ନାୟକାଣିଡିହୀ ଥାନାଧିକାରୀ ରତିକାନ୍ତ ଗିରିଙ୍କୁ ଅବସ୍ଥାପିତ କରାଯାଇଛି। ପୁରୁଣା ବଜାର ଥାନାର କାର୍ଯ୍ୟରତ ଏଏସଆଇ ଦିଲ୍ଲୀପ ପାତ୍ର ଓ କନଷ୍ଟେବଳ ରୁପରଞ୍ଜନ ସାହୁଙ୍କୁ ମଙ୍ଗଳବାର ନିଲମ୍ବିତ କରାଯାଇଛି। ସୋମବାର ଗଣ୍ଡଗୋଳ ପରେ ମଙ୍ଗଳବାର ଅଞ୍ଚଳର ସ୍ଥିତି ସ୍ୱାଭାବିକ ଥିବା ଥାନାରେ ଯୋଗ ଦେଇଥିବା ନୂତନ ଅଧିକାରୀ ଗିରି ସୂଚନା ଦେଇଛନ୍ତି।

**ବାଣ ସାମଗ୍ରୀ ପ୍ରସ୍ତୁତି ବେଳେ ଦୁର୍ଘଟଣା**

# ବାରୁଦରେ ନିଆଁ ଲାଗି ୨ ଶିଶୁ ଗୁରୁତର

ଚାନ୍ଦବାଲି,୧୭।୯(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ମତୋ ପଞ୍ଚାୟତର ଦକ୍ଷିଣ ସାହି ଗ୍ରାମରେ ବାଣ ସାମଗ୍ରୀ ପ୍ରସ୍ତୁତ ବେଳେ ସୋମବାର ସନ୍ଧ୍ୟା ସମୟରେ ମଶା ଧୂପରୁ ବାରୁଦରେ ନିଆଁ ଲାଗିଯିବାରୁ ୨ ଜଣ ପିଲା ପୋଡିଯାଇ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ତିହିଡି ଓ ଭଦ୍ରକ ନିଆଯାଇ ପରେ କଟକ ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ମୁହଁ, ପାପୁଲି, ପାଦ ଓ ଦେହର ବିଭିନ୍ନ ଅଂଶ ପୋଡିଯାଇଛି । ଆହତ ଦୁଇ ପିଲା ହେଲେ ସୁମନ୍ତ ବେହେରାଙ୍କ ପୁଅ ମନୋଜ(୪) ଓ ଅର୍ଜ୍ଜୁନ ସାହୁଙ୍କ ଝିଅ ଶୁଭଶ୍ରୀ(୫)। ରବିବାର ସକାଳେ ମତୋ ଫାଣ୍ଡି ଅଧିକାରୀ ବବ୍ରୁବାହାନ ନାୟକ ସଦଳବଳ ଯାଇ ସମ୍ପୃକ୍ତ ବାଣ କାରିଗରଙ୍କ ଘର ଓ ବାଣ ସାମଗ୍ରୀ ତିଆରି ହେଉଥିବା ଘରକୁ ସିଲ୍ କରି ପଚରା ଉଚରା କରୁଛି।

ପୋଲିସ ସୂଚନା ଅନୁଯାୟୀ, ଆଗାମୀ ଦୀପାବଳିକୁ ଆଖି ଆଗରେ ରଖି ବାଣ କାରିଗର ବିଷ୍ଣୁ ସାହୁ ଦକ୍ଷିଣ ସାହି ଗାଁର ନିଜ ଘର ପଛପଟେ ବାଣ ତିଆରି କରୁଥିଲେ। ଗାଁର କେତେକ ଲୋକ ବାଣରେ ଲାଗୁଥିବା ବାରୁଦ ବୋଳା ସୂତା(ଦଅଣ) ତିଆରି କାମ ଠିକାରେ ନିଜ ଘରେ କରୁଥିଲେ । ବାଣ କାରିଗରଙ୍କ ଘରଠାରୁ ପ୍ରାୟ ୫୦ ମିଟର ଦୂରରେ ଥିବା ସୁମନ୍ତ ବେହେରା ବାଣ କାରିଗରଙ୍କଠାରୁ ବାରୁଦ, ସୁତୁଲି, ଅଠା ଓ କାଗଜ ଆଣି ନିଜ ଘରେ ଦଅଣ ତିଆରି କରୁଥିଲେ । ସୋମବାର ସନ୍ଧ୍ୟା ସମୟରେ ସୁମନ୍ତଙ୍କ ଘର ଅଗଣାରେ ତାଙ୍କ ସ୍ତ୍ରୀ ଦଅଣ ପ୍ରସ୍ତୁତ କରୁଥିବା ବେଳେ ପୁଅ ମନୋଜ ଉପସ୍ଥିତ ଥିଲେ । ମନୋଜଙ୍କ ସାଙ୍ଗ ପଡୋଶୀ ଘରର ଶୁଭଶ୍ରୀ କ'ଣ ତିଆରି ହେଉଛି ଦେଖିବାକୁ ସେଠାରେ ପହଞ୍ଚିଥିଲେ । ସୁମନ୍ତଙ୍କ ସ୍ତ୍ରୀ ସନ୍ଧ୍ୟା ଦୀପ ଲଗାଇବାକୁ ଘର ମଧ୍ୟକୁ ଯାଇଥିବା ବେଳେ ମଶା ଘଉଡାଇବା ପାଇଁ ଅଗଣାରେ ଦିଆ ଯାଇଥିବା ଧୂପରୁ ନିଆଁ ବାରୁଦରେ ଲାଗି ଯାଇଥିଲା । ଘଟଣାସ୍ଥଳରେ ଉପସ୍ଥିତ ମନୋଜ ଓ ଶୁଭଶ୍ରୀଙ୍କ ଶରୀରରେ ନିଆଁ ଲାଗି ଅନେକ ଅଂଶ ପୋଡି ଯାଇଥିଲା । ଏହି ଗ୍ରାମରେ କେତେକ ଅଣପଞ୍ଜୀକୃତ ବାଣ କାରିଗର ଥିବା ନେଇ ସୂଚନା ମିଳିଥିବାରୁ ଏ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ୧୮ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ବଟି ମାଗିବା ଅଭିଯୋଗରେ ୨ ଗିରଫ

ଯୋଡ଼ା, ୧୭।୯(ଡି.ଏନ.ଏ.): ଯୋଡ଼ା ସହର ମେନ୍ ରୋଡ ତଥା ୱାର୍ଡ ନଂ ୪ରେ ଥିବା ବ୍ୟବସାୟୀ ରବି ନାରାୟଣ ଦାସଙ୍କ ଅଫିସରେ ପଶି ୨ ଜଣ ଦୁର୍ବୃତ୍ତ ଭଙ୍ଗାରୁଜା କରିଥିବା ଓ ବଟି ମାଗୁଥିବା ଅଭିଯୋଗରେ ଯୋଡା ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ସେମାନେ ହେଲେ ଆଜାଦ ବସ୍ତି ଅଞ୍ଚଳର ଦାଉ ମୁଣ୍ଡା ଏବଂ କୁନ୍ଦୁରୁନାଲା ଅଞ୍ଚଳର ବାବୁଲି ମୁଣ୍ଡା। ସୋମବାର ଅପରାହ୍ନ ୨ଟାବେଳେ ଅଫିସରେ ପହଞ୍ଚି ଜିନିଷ ଭଙ୍ଗାଭଙ୍ଗି କରିବା ସହିତ ବଟି ମାଗିଥିଲେ। ଏନେଇ ଯୋଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୫୦/୨୦୧୯) ରୁଜୁକରି ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଫିସର ବି.ଡି. ନାଏକ ସୂଚନା ଦେଇ କହିଛନ୍ତି।

### ଚିକିତ୍ସା ଅବହେଳାର ତଦନ୍ତ

ତେଲକୋଇ, ୧୭।୯(ଡି.ଏନ.ଏ.): ଚିକିତ୍ସା ସେବା ଅବ୍ୟବସ୍ଥା ଘଟଣା ନେଇ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ଅତିରିକ୍ତ ଦାୟିତ୍ୱରେ ଥିବା ସିଡିଏମଓ ଡା. ସୁଧାଂଶୁ ଶେଖର ବଳ ସୋମବାର ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ଅନୁଧ୍ୟାନ କରିଥିଲେ। ଏଥିସହ କମଲାଙ୍ଗ ଗାଁର ଜଣେ ରୋଗୀ ଚିକିତ୍ସା ସେବା ନ ପାଇବା ଘଟଣା ନେଇ ସେ ଏହି ଗାଁକୁ ଯାଇ ତଦନ୍ତ କରି ଫେରିଥିଲେ। ଏହି ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସୁବିଧା ନ ମିଳିବା ଅଭିଯୋଗର ସେଭଳି କିଛି ପ୍ରମାଣ ସେ ପାଇ ନ ଥିବା ଗଣମାଧମକୁ ସୂଚନା ଦେଇଛନ୍ତି। ଏହି ଗସ୍ତ ବେଳେ ତେଲକୋଇ ସ୍ୱାସ୍ଥ୍ୟ କେନ୍ଦ୍ରର ଡ. ଚନ୍ଦନ କୁମାର ସାମଲ ଥିଲେ।

### ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

ବାସୁଦେବପୁର/ରୂପସା, ୧୭।୯ (ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁରର ଚୁଡାମଣି ମୁହାଣ ସଂଲଗ୍ନ ବଳରାମଗଡି ନିକଟବର୍ତ୍ତୀ ସମୁଦ୍ରରେ ଡଙ୍ଗାବୁଡି ଘଟଣା ପରେ ନିଖୋଜ ଥିବା ଭିନ୍ନକ୍ଷମ ମତ୍ସ୍ୟଜୀବୀ ନାରାୟଣ ମଲିକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଡଙ୍ଗାବୁଡି ଘଟଣାର ୪ ଦିନ ପରେ କଷାଫଳ ମୁହାଣ ନିକଟରେ ମଙ୍ଗଳବାର ମୃତଦେହ ଭାସୁଥିବା ଦେଖାଯାଇଥିଲା। ଉଦ୍ଧାର ପରେ ପରିବାର ଲୋକ ଶବ ଚିହ୍ନଟ କରିଥିବା ଚୁଡାମଣି ସାମୁଦ୍ରିକ ଥାନା ଅଧିକାରୀ ମହମ୍ମଦ ହାଫିଜ କହିଛନ୍ତି। ସମୁଦ୍ରକୁ ମାଛ ଧରିବାକୁ ଯାଇ ଡଙ୍ଗାବୁଡି ଯିବା ପରେ ନାରାୟଣ ନିଖୋଜ ଥିବା ସମ୍ପର୍କରେ ତାଙ୍କ ପତ୍ନୀ ବାସୁଦେବପୁର ଓ ଚୁଡାମଣି ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟ ୩ ମତ୍ସ୍ୟଜୀବୀଙ୍କୁ ମଝି ସମୁଦ୍ରରୁ ଅନ୍ୟ ଏକ ବୋଟ ଉଦ୍ଧାର କରିଥିଲା। ପୋଲିସ ଏକ ମାମଲା (ନଂ.୩/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି।

# ପ୍ରଦୂଷଣ ଜ୍ୱାଳାରେ କାରୋ ନଦୀ

ବଡବିଲ, ୧୭।୯(ସ୍ୱ.ପ୍ର.)


ବଡବିଲ ଉପକଣ୍ଠରେ ଥିବା କାରୋନଦୀ ଭିତରେ ବିଭିନ୍ନ ଯାନବାହନ ଧୁଆ ହେଉଛି।

- ଶହଶହ ଗାଡି ନଦୀ ଭିତରେ ଧୁଆ ହେଉଛି
- ପ୍ରଦୂଷଣ ରୋକିବାରେ ପ୍ରଶାସନ ବିଫଳ

କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳ ଉପକଣ୍ଠରେ ବୋହିଯାଇଥିବା ଜୀବନରେଖା ଭାବେ ପରିଚିତ କାରୋନଦୀ ଏବେ ସଙ୍କଟରେ। ବିଭିନ୍ନ କାରଖାନାର ବର୍ଜ୍ୟବସ୍ତୁ ଓ ବିଷାକ୍ତ ରାସାୟନିକ ତୈଳ ଦ୍ୱାରା ନଦୀଜଳ ପ୍ରଦୂଷଣକୁ ପ୍ରଶାସନ ରୋକିବାରେ ବିଫଳ ହୋଇପଡ଼ିଛି। ବିଶ୍ୱକର୍ମା ପୂଜା ପାଇଁ ଚଟେଇ ହଟିଂସ୍ଥିତ କାରୋନଦୀରେ ଶହଶହ ସଂଖ୍ୟାରେ ଭାରିଯାନ, ଚାରିଚକିଆ ଯାନ, ଦୁଇଚକିଆ ଯାନ, ଟ୍ରାକ୍ଟର ଆଦି ଗାଡ଼ି ଧୁଆ ହେଉଥିବା ଦେଖିବାକୁ ମିଳିଛି। ଏହି ଗାଡି ଗୁଡିକରୁ ମାଟି ସହ ଗ୍ରିଜ, ମୋବିଲ, ଡିଜେଲ ଆଦି ନଦୀଜଳରେ ମିଶି ନଦୀଜଳକୁ ବିଷାକ୍ତ କରିଛି। ଏହାକୁ ରୋକିବା ନିମନ୍ତେ ପ୍ରଶାସନ କୌଣସି ପଦକ୍ଷେପ ନ ନେଇ ନୀରବଦ୍ରଷ୍ଟା ସାଜିବା ପରୋକ୍ଷରେ ନଦୀଜଳ ପ୍ରଦୂଷଣ ବୃଦ୍ଧିକୁ ପ୍ରୋତ୍ସାହନ ଯୋଗାଉଥିବା ଅଭିଯୋଗ ହୋଇଛି।

ସୂଚନା ଥାଉକି, ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଏହି କାରୋନଦୀରୁ ଜଳ ଉଠାଣ କରାଯାଇ ବିଶୋଧନ ପରେ ପୌରାଞ୍ଚଳବାସୀଙ୍କୁ ପାନୀୟ ଜଳ ଯୋଗାଣ କରାଯାଇଥାଏ। ଏହି ନଦୀଜଳରୁ ଅଧିକ ପରିମାଣର ଜଳ ଉଠାଣ ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗ ଦେଖରେଖରେ ଏକ ନୂତନ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ସାମାନ୍ୟ ବର୍ଷା ହେଲେ ପୌରାଞ୍ଚଳବାସୀଙ୍କୁ ଗୋଳିଆ ପାଣି ଯୋଗାଉଥିବା ଜନସ୍ୱାସ୍ଥ୍ୟ ବିଭାଗ ଏହି କେମିକାଲଯୁକ୍ତ ବିଷାକ୍ତ ଜଳକୁ କିଭଳି ବିଶୋଧନ କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ନଦୀଜଳ ପ୍ରଦୂଷଣ ହେଉଥିବାନେଇ ବଡବିଲ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କୁ ପଚାରିବାରୁ ତହସିଲଦାର ଓ ପୋଲିସ ପ୍ରଶାସନର ସହାୟତା ନେଇ ନଦୀଭିତରକୁ ଯାନବାହନ ନ ଯିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। କାରୋନଦୀ ବଞ୍ଚାଇବାକୁ ବିଭିନ୍ନ ସଂଗଠନ ଗୁଡିକ ଅନେକ ସମୟରେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ସଭା ସମିତିମାନ କରି କେବଳ ବାଃ ବାଃ ନେଉଛନ୍ତି। ତେବେ ଏ ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ଜରୁରୀ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ଅଟଳ ଟିଙ୍କରିଂ ଲ୍ୟାବ୍ ଉଦ୍‌ଘାଟିତ

କେନ୍ଦୁଝର ୧୭।୯ (ସ୍ୱ.ପ୍ର.)

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରଗଡଠାରେ ନୀତି ଆୟୋଗ, ଭାରତ ସରକାରଙ୍କ ଅଟଳ ଟିଙ୍କରିଂ ଲ୍ୟାବ ଶୁଭ୍ ଉଦ୍‌ଘାଟନ ହୋଇଯାଇଛି। ଉକ୍ତ ଲ୍ୟାବ୍‌କୁ ସଦର ବିଧାୟକ ମୋହନ ମାଝୀ, ବିଦ୍ୟାଭାରତୀ ସହସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଅବସର ପ୍ରାପ୍ତ ପ୍ରଧାପକ ଡଃ ବନବିହାରି ମିଶ୍ର ଉଦ୍‌ଘାଟନ କରିଥିଲାବେଳେ ଡିଜିଟାଲ ସ୍ମାର୍ଟ କ୍ଲାସ୍‌ର ମଧ୍ୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଡଃ ବନବିହାରୀ ମିଶ୍ର ଶିକ୍ଷାକ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଶିକ୍ଷାକୁ ଅଧିକ ସରସ ସୁନ୍ଦର କରିଥାଏ ବୋଲି ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଉତ୍ତର ସମ୍ଭାଗ ସଭାପତି ସତ୍ୟନାରାୟଣ ମହାପାତ୍ର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲା ସଂଘ ଚାଳକ କୈଳାଶ ଚନ୍ଦ୍ର ମହାପାତ୍ର, ଶିକ୍ଷା ବିକାଶ ସମିତିର ପ୍ରାକ୍ତନ ସାଧାରଣ ସମ୍ପାଦକ ଇଂ ଅମରବର ଖଟୁଆ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡଃ କାର୍ତ୍ତିକ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଟଳ ଟିଙ୍କରିଂ ଲ୍ୟାବ ଦ୍ୱାରା ପିଲାମାନଙ୍କ ଅତ୍ୟାଧୁନିକ ଯୁଗରେ କିପରି ବିଜ୍ଞାନର ପ୍ରୟୋଗ ହୋଇପାରିବ ତାହା ଏହି କ୍ଷେତ୍ରରେ ସାହାଯ୍ୟ କରିବ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ସହଯୋଗ କରିଥିଲେ।

- ଏବେ ବି ପୂଜା ପାଉଛି ୧୯୩୯ ମସିହାର ଗାଡ଼ି

## ଅଲୋଡ଼ା ହୋଇଥିଲେ ବି ନିଆରା

କେନ୍ଦୁଝର, ୧୭।୯( ସ୍ୱ.ପ୍ର.)

ବ୍ରିଟିଶ ଅମଳର ୧୯୩୯ ମସିହାର ଏକ ଟ୍ରକ ଏବେ ବି ପୂଜା ପାଉଛି। କଥାଟି ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁ ଥିଲେ ହେଁ ଏହା ସତ୍ୟ। ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ଅବସରରେ ପ୍ରତ୍ୟେକ ବର୍ଷ କେନ୍ଦୁଝର ଜିଲାର ବଲାଣି ଖଣି ଡାକ୍ତରଖାନା ସମ୍ମୁଖରେ ପଡିରହିଥିବା ଏହି ଗାଡିକୁ ପ୍ରତ୍ୟେକ ବର୍ଷ ପୂଜା କରିଥାନ୍ତି ଏକ ଶିଖ୍ ପରିବାର। ବଡ଼ବିଲ ଅଞ୍ଚଳର ଗୁରୁଚରଣ ସିଂଙ୍କ ପରିବାର ପ୍ରତ୍ୟେକ ବର୍ଷ ଗାଡି ନିକଟରେ ପହଞ୍ଚି ଏହାକୁ ପାଣିରେ ସଫା କରି ଫୁଲ ଝାଲର ଲଗାଇ ପୂଜା କରିଥାନ୍ତି। ୧୯୩୯ରେ ଏହି ଟ୍ରକଟିକୁ ଗୁରୁଚରଣ ସିଂହଙ୍କ ଜେଜେ ବାପା ପାଲ ସିଂହ କିଣି ଥିବାବେଳେ ସେବେ ଠାରୁ ଏହା ବଲାଣି ଲୌହ ଖଣିରେ ଚାଲୁଥିଲା। ପରେ ଏହି ଗାଡି ଟିକୁ ତାଙ୍କ ପୁଅ ଲାଖା ସିଂହ ଦେଖା ଶୁଣା କରୁଥିଲେ। ପରେ ଏହି ଗାଡି ଆଉ ଚାଲିବା ଯୋଗ୍ୟ ନ ରହିବାରୁ ତାକୁ ଏକ ସୁରକ୍ଷିତ ଜାଗାରେ ରଖି ପ୍ରତ୍ୟେକ ବର୍ଷ ବିଶ୍ୱକର୍ମା ପୂଜାରେ ପୂଜା କରନ୍ତି। ତେବେ ଗତ ବର୍ଷ ଲାଖା ସିଂହଙ୍କ ପରଲୋକ ହେବା ପରେ ଏହି ପରମ୍ପରାକୁ ତାଙ୍କ ପରିବାର ଲୋକେ ବଜାୟ ରଖିଛନ୍ତି ବୋଲି ଗାଡି ମାଲିକଙ୍କ ନାତିମାନେ କହିଛନ୍ତି। ଏକଦା ଏହି ଟ୍ରକ ତାଙ୍କ ପରିବାର ପାଇଁ ରୋଜଗାରର ମାଧ୍ୟମ ସାଜିଥିଲା। ଏଣୁ ଏବେ ଅଲୋଡା ହୋଇଯାଇଥିଲେ ହେଁ ଏହାକୁ ସେମାନେ ଅଣଦେଖା କରି ପାରୁନାହାନ୍ତି।


ଟ୍ରକ ପୂଜା କରିବାକୁ ଆସିଥିବା ଶିଖ୍ ପରିବାର ସଦସ୍ୟ।

## ପୋଲିସ ଚଢ଼ାଉରେ ଜବତ ହେଲା ଚୋରା କୋଇଲା

ଯୋଡ଼ା, ୧୭।୯(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳରେ ଥିବା ବାଂଶପାଣିଠାରେ ଚୋରା କୋଇଲା କାରବାର ସମ୍ପର୍କରେ ଧରିତ୍ରୀରେ ଶୀର୍ଷକ 'ବାଂଶପାଣି ଅଞ୍ଚଳରେ କୋଇଲା ଚୋରା ଚାଲାଣ' ପ୍ରକାଶିତ ହେବା ପରେ ପୋଲିସ ପ୍ରଶାସନ ତତ୍ପରତା ଦେଖାଇଥିଲା। ଏହି କୋଇଲା ଚୋରାଚାଲାଣ କାରବାର ସମ୍ପର୍କରେ କେନ୍ଦୁଝର ଏସପି ମିତ୍ରଭାନୁ ମହାପାତ୍ର ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ଖବର ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯୋଡା ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଯୋଡା ଥାନା ସବ୍‌ଇନ୍ସପେକ୍ଟର ବିଶ୍ୱଜିତ ବେହେରାଙ୍କ ନେତୃତ୍ୱରେ ସୋମବାର ବିଳମ୍ବିତ ରାତି ୨ଟା ବେଳେ ବାଂଶପାଣି ଅଞ୍ଚଳରେ ହେଉଥିବା ଚୋରା କାରବାରର ପେଣ୍ଠସ୍ଥଳୀ ଉପରେ ଚଢାଉ କରାଯାଇଥିଲା। ରାତିର ଅନ୍ଧକାରର ସୁଯୋଗ ନେଇ ଚୋରା ବେପାରୀମାନେ ସେଠାରୁ ଖସି ଯିବାରେ ସମର୍ଥ ହୋଇଥିଲେ ହେଁ, ପୋଲିସ ସେଠାରୁ ବିପୁଳ ପରିମାଣର ଚୋରା କୋଇଲା ଜବତ କରିଛି। ସୂଚନାଯୋଗ୍ୟ ଯେ, କୋଇଲା ଏକ ଖଣିଜ ଦ୍ରବ୍ୟ ହୋଇଥିଲେ ମଧ୍ୟ ଏହାର ଚୋରା କାରବାର ସମ୍ପର୍କରେ ଜାଣି ଯୋଡା ଖଣି ଉପନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ନୀରବଦ୍ରଷ୍ଟା ସାଜିଛି। ଏଥିରେ କେତେକ ଅସାଧୁ ଖଣି କର୍ମଚାରୀ କୋଇଲା ଚୋରଙ୍କ ସହିତ ହାତ ମିଳାଇଥିବା ସାଧାରଣରେ ଆଲୋଚନା ହେଉଛି।


ଚୋରା କୋଇଲା ଜବତ।

BEFORE SMT. DOLON DASGUPTA, LEARNED SOLE ARBITRATOR
RE: ARBITRATION BETWEEN M/S SREI EQUIPMENT FINANCE LIMITED
AND
Mr. Rajesh Mohanty & Anr.
Agreement No. 97566
dated 22nd November, 2015

Please take notice that M/s Srei Equipment Finance Limited has referred the matter to the Learned Sole Arbitrator, inter alia, claiming a sum of **Rs.885,604.69p (Rupees Eight Lakhs Eighty Five Thousand Six Hundred Four and Sixty Nine Paisa only)** along with interests and damages, if any, and also other reliefs against Mr. Rajesh Mohanty, At GP - Rairangpur, W. No.07, Police Station-Rairangpur Town, District-Mayurbhanj, Odisha. Pin- 757043 And Mr. Krushna Chandra Patra, At, Champerei, GP- Halda, Police Station- Rairangpur Town, District-Mayurbhanj, Odisha. Pin-757043. Please further take notice that the Learned Arbitrator has fixed the next date of Arbitration on 04.11.2019 at 05:00 p.m. at 7, Red Cross Place, 3rd Floor, Kolkata – 700 001, when you are requested to be present personally or through your Authorized Advocate, failing which the matter would be heard ex-parte.

**SKR & ASSOCIATES**
Advocates
7B, Kiran Shankar Roy Road,
5th Floor, Kolkata – 700 001

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ପାଟଣା,୧୭।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ କ୍ଷୀରେଇଟାଙ୍ଗିରି ଗ୍ରାମ ବାଘିଆ ଟାଙ୍ଗିରି ସାହିରେ ମଙ୍ଗଳବାର ଅପରାହ୍ନରେ ମଙ୍ଗୁଲୁ ମୁଣ୍ଡା ନାମକ ଜଣେ ୬୦ ବର୍ଷୀୟ ବୃଦ୍ଧ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ ମଙ୍ଗୁଲୁ ଦୁଇ ଛୋଟ ନାତି ପିଲାଙ୍କ ସହ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ମଙ୍ଗଲୁ ଗାଧୋଇବାକୁ ପାଣିରେ ବୁଡି ଆଉ ପଦାକୁ ନ ବାହାରିବାରୁ ପୋଖରୀ ହୁଡାରେ ବସିଥିବା ନାତି ପିଲା ଘର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ପାଟଣା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ଲାଗି ପଠାଇଥିଲେ।



## ସ୍କୁଲରେ ସ୍ୱଚ୍ଛ ଭାରତ ଅଭିଯାନ

ଢେଙ୍କିକୋଟ, ୧୭।୯(ଡି.ଏନ.ଏ.)

ଘଟଗାଁ ବ୍ଲକର କୁଢ଼ଟାଙ୍ଗରସ୍ଥିତ ଶ୍ରୀଗୁରୁକୁଳ ଇଂଲିଶ ମିଡିୟମ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ନୃସିଂହନାଥ ସିଂ, ସମ୍ମାନନୀୟ ଅତିଥି ଭାବେ ଖବରଦାତା ନୀଳମଣି ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ହାତରେ ଝାଡୁ ଧରି ଦଳେଇ ସାହିରୁ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

## ରୋଗୀଙ୍କୁ ଫଳ ବଣ୍ଟନ

ଚମ୍ପୁଆ, ୧୭।୯(ଡି.ଏନ.ଏ)

ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦିଙ୍କ ଜନ୍ମ ଦିବସରେ ତଥା ଭାଜପାର ସେବାସପ୍ତାହ ପାଳନ ଅବସରରେ ଚମ୍ପୁଆ ଭାଜପା ମଣ୍ଡଳ ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଚମ୍ପୁଆ ମଣ୍ଡଳ ସଭାପତି ସନ୍ତୋଷ ସାହୁଙ୍କ ନେତୃତ୍ୱରେ ରମେଶ ଚନ୍ଦ୍ର ପ୍ରଧାନ, ଜିଲା ସମ୍ପାଦକ ସିଦ୍ଧାର୍ଥ ସିଂ, ଦୂର୍ଯ୍ୟୋଧନ ଝରା, ସାହାରୁଜ ଜିଆ, ବୃନ୍ଦାବନ ରାମ, ରବୀନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ମାନଙ୍କ ଆରୋଗ୍ୟ କାମନା କରିବା ସହିତ ଫଳ ବଣ୍ଟନ କରିଥିଲେ।

## ବଡ଼ଭାଇକୁ ଆକ୍ରମଣ କରି ସାନ ଗିରଫ

ତିହିଡ଼ି,୧୭।୯(ଡି.ଏନ୍.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ମଥୁରାପୁର ଗ୍ରାମର ବଡ଼ଭାଇକୁ ଆକ୍ରମଣ କରି ସାନଭାଇ ଗିରଫ ହୋଇଛନ୍ତି। ପୋଲିସ ଏ ନେଇ ଏକ ମକଦ୍ଦମା (ନଂ ୪୦୪/୧୯) ରୁଜୁକରି ମଙ୍ଗଳବାର ଅଭିଯୁକ୍ତ ପ୍ରମୋଦ ମଲିକଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ ଗ୍ରାମର ପ୍ରମୋଦଙ୍କ ଠାରୁ ତାଙ୍କ ବଡ଼ଭାଇ ପ୍ରଦୀପ ମଲିକ କିଛି ଟଙ୍କା ଉଧାର ନେଇଥିଲେ। ପ୍ରମୋଦ ତାଙ୍କୁ ଟଙ୍କା ମାଗିବାରୁ ସେ ଟଙ୍କା ଦେଇ ପାରି ନ ଥିଲେ। ଏଥିରେ ଉତ୍ୟକ୍ତ ହୋଇ ସୋମବାର ରାତିରେ ପ୍ରମୋଦ ତାଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିବା ନେଇ ପ୍ରଦୀପ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ।

# ବିକାଶଠୁ ଦୂରରେ ସୁଲେଇଖମାର ଗାଁ

କେନ୍ଦୁଝର, ୧୭।୯
(ଦୀପକ ମିଶ୍ର)




- ନାମକୁ ମାତ୍ର ପୌରାଞ୍ଚଳ
- ମୌଳିକ ସୁବିଧା ଅପହଞ୍ଚ

କେନ୍ଦୁଝରଗଡ ପୌରପାଳିକା ଅନ୍ତର୍ଗତ ୧ନଂ ୱାର୍ଡ ଭିତରେ ଥିବା ଗାଁ ସୁଲେଇଖମାର। ପୁରୁଣାସହରଠାରୁ ୨କି.ମି. ଦୂରରେ ଅବସ୍ଥିତ ଏହି ଗାଁ ବିଭିନ୍ନ ସମସ୍ୟା ଭିତରେ ରହିଛି। ଏହି ଗାଁରେ ମୌଳିକ ସୁବିଧା ଯେପରି ଅପହଞ୍ଚ ହୋଇପଡ଼ିଛି। ଗ୍ରାମରେ ଅଧିକାଂଶ ଭୂୟାଁ ଓ ମୁଣ୍ଡା ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ଅଧିକାଂଶ ଅଧିବାସୀ ଶ୍ରମିକ ଶ୍ରେଣୀର ହୋଇଥିବାରୁ ଆର୍ଥିକ ଅବସ୍ଥା ସେପରି ସ୍ୱଚ୍ଛଳ ନୁହେଁ। ଗ୍ରାମକୁ ଗଲେ ଜଣାପଡିବ ପ୍ରଶାସନର ଯେପରି ପାଦ କେବେ ପଡୁନାହିଁ। କେବଳ ନିର୍ବାଚନ ସମୟରେ ନେତାମାନେ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ଅନେକ ପ୍ରତିଶ୍ରୁତି ଦେଉଥିବାବେଳେ ନିର୍ବାଚନ ପରେ ତାହା ଭୁଲି ଯାଉଥିବା ଗ୍ରାମର ଗୋକୁଳ ନାଏକ, ସୁଦର୍ଶନ ମୁଣ୍ଡା ଓ ରଞ୍ଜୁ ମୁଣ୍ଡା ଆମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଛନ୍ତି।

ସୁଲେଖଇଖମାର ଗ୍ରାମରେ ଷାଠିଏ ପାଖାପାଖି ପରିବାରର ୪୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। କେନ୍ଦୁଝରଗଡ ପୌରପାଳିକା ଅନ୍ତର୍ଗତ ସହର ଭିତରେ ରହିଥିବାର ଜଣାପଡୁନାହିଁ। ଅନୁଧ୍ୟାନ କଲେ ଜଣାପଡ଼ିବ ଯେ, ଏଠାକୁ ବିକାଶ ଛୁଇଁ ପାରିନାହିଁ। ପୌରପାଳିକା ପକ୍ଷରୁ କେବଳ ଗ୍ରାମବାସୀଙ୍କ ପାଇଁ ତିନୋଟି ଶୌଚାଳୟ ତିଆରି ହୋଇଥିଲେ ବି ପାଣି କିମ୍ବା ବିଦ୍ୟୁତ ସେବା ଯୋଗାଇ ଦିଆଯାଇ ନ ଥିବାରୁ ଅବହେଳିତ ହୋଇ ହୋଇପଡିଛି। ଗ୍ରାମରେ ଷ୍ଟ୍ରିଟଲାଇଟ୍ ଥିଲେ ବି ତାହା ଜଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୌରପାଳିକା ପକ୍ଷରୁ ଆଦୌ ସଫେଇ ହେଉ ନ ଥିବା ଜଣାପଡିଛି। ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ ଅଧାରେ ଥିବାରୁ ଶିଶୁମାନଙ୍କୁ ଘର ବାରଣ୍ଡାରେ ପଢାଯାଉଛି। ଏଠାରେ ଥିବା ୪ଟି ନଳକୂପ ମଧ୍ୟରୁ ୨ଟି ଅଚଳ ହୋଇପଡିଛି। କେନ୍ଦୁଝରଗଡ ମ୍ୟୁନିସିପାଲିଟି ପକ୍ଷରୁ ଏକ ପୋଖରୀ ଖୋଳା ଯାଇଥିଲେ ବି ଖରାଦିନେ ଏହି ଗ୍ରାମର ଲୋକେ ୨କି.ମି. ଦୂରକୁ ଗାଧୋଇବା ପାଇଁ ଯାଉଥିବା କହିଛନ୍ତି। ଏସମ୍ପର୍କରେ କେନ୍ଦୁଝରଗଡ ପୌରପାଳିକା ନିର୍ବାହୀ ଅଧିକାରୀ ନିରଞ୍ଜନ ଜେନାଙ୍କୁ ପଚାରିବାରୁ ସେ କହିଥିଲେ ଯେ, କେନ୍ଦୁଝରଗଡ ପୌରପାଳିକା ସୁଲେଇଖମାର ଗ୍ରାମବାସୀଙ୍କ ସୁବିଧା ଓ ଅସୁବିଧା ଉପରେ ସଚେତନ ଅଛି। ଅଙ୍ଗନୱାଡି କେନ୍ଦ୍ରଟି ଅଳ୍ପଦିନରେ ସମ୍ପୂର୍ଣ୍ଣ ହେବ। ଶୌଚାଳୟଗୁଡିକ ଖୁବ୍ କମ୍ ଦିନରେ କାର୍ଯ୍ୟକ୍ଷମ ହେବ। ଅନ୍ୟ ଅସୁବିଧାଗୁଡ଼ିକୁ ମଧ୍ୟ ଦୂର ପାଇଁ ଚେଷ୍ଟା କରାଯାଉଛି।


ଧରିତ୍ରୀ ବାଲେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଉପଲକ୍ଷେ ଚାନ୍ଦବାଲି ବ୍ଲକ ଓ ନାନ୍ଦପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
**ଗଣେଶ ଚନ୍ଦ୍ର ବିଶ୍ୱାଳ**
ସରପଞ୍ଚ ପ୍ରତିନିଧି, ନାନ୍ଦପୁର ପଞ୍ଚାୟତ


ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଉପଲକ୍ଷେ ଚାନ୍ଦବାଲି ତହସିଲ ଓ ଆରଡି ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ, କୃଷିଜୀବୀ ଓ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା।
**ଦେବାଶିଷ ରାୟ**
ରାଜସ୍ୱ ନିରୀକ୍ଷକ, ଆରଡି ସର୍କଲ


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଉପଲକ୍ଷେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଆରଡି ଶାଖା ଅଧୀନରେ ଥିବା ସମସ୍ତ ଗ୍ରାହକଙ୍କୁ ପ୍ରୀତିଭରା ଶୁଭେଚ୍ଛା ଓ ଶୁଭକାମନା।
**ଅୟସ କାନ୍ତ ମାଝୀ**
ଫିଲ୍ଡ ଅଫିସର, ଏସ୍.ବି.ଆଇ., ଆରଡି ଶାଖା


ଧରିତ୍ରୀ ଖବରକାଗଜ ବାଲେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଉପଲକ୍ଷେ ପହଣା ଓ ମଠଡିହ କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
**ଚିତ୍ତରଞ୍ଜନ ମହାନ୍ତି**
ପ୍ରଧାନ ଶିକ୍ଷକ, କୋଇଲଖା ପ୍ରାଥମିକ ବିଦ୍ୟାଳୟ

